# SET-2

୧. "ବୁଲିଥାଉ", କେଉଁ କ୍ରିୟାପଦ ସୂଚାଅ ?

(କ) ଏକକ କ୍ରିୟା

(ଖ) ଯୌଗିକ କ୍ରିୟା

(ଗ) ପ୍ରେରଣାର୍ଥକ କ୍ରିୟା

(ଘ) ନାମଧାତୁ କ୍ରିୟା

୨. ପୁରେଧା ବ୍ରତଚାରୀଙ୍କୁ ପୁରାଣ କହିଲେ । ରେଖାଙ୍କିତ ପଦଟିର କ୍ରିୟା ନିର୍ଣ୍ଣୟ କର ?

(କ) ନାମଧାତୁ କ୍ରିୟା

(ଖ) ପ୍ରେରଣାର୍ଥକ କ୍ରିୟା

(ଗ) ଅକର୍ମକ କ୍ରିୟା

(ଘ) ଅସମାପିକା କ୍ରିୟା

୩. ଯେଉଁ କ୍ରିୟାର ବ୍ୟବହାର ଦ୍ୱାରା ବାକ୍ୟର ଅର୍ଥ ସଂପୂର୍ଣ୍ଣ ରୂପେ ପ୍ରକାଶିତ ନହୋଇ ଅନ୍ୟ କ୍ରିୟାକୁ ଅପେକ୍ଷା ରଖେ, ତାହାକୁ କେଉଁ କ୍ରିୟାପଦ କୁହାଯାଏ ?

(କ) ସମାପିକା

(ଖ) ଅସମାପିକା

(ଗ) ମିଶ୍ର

(ଘ) ଅମିଶ୍ର

୪. ମୁଁ ଶ୍ରୀମନ୍ଦିର ପହଞ୍ଚିଲେ ମହାପ୍ରସାଦ ଭୋଜନ କରିବି । ରେଖାଙ୍କିତ ଅସମାପିକା କ୍ରିୟା ପଦଟି କେଉଁ ଅର୍ଥରେ ପ୍ରୟୋଗ ହୋଇଛି ସୂଚାଅ ?

(କ) ଗୋଟିଏ କାର୍ଯ୍ୟ ଫଳରୁ ଅନ୍ୟଟି ଘଟିବାରେ

(ଖ) ନିମିତ୍ତାର୍ଥରେ

(ଗ) ଦୁଇଟି କାର୍ଯ୍ୟ ଏକକାଳୀନ ହେଉଥିଲେ

(ଘ) ସମାପିକା କ୍ରିୟାର ପୂର୍ବବର୍ତ୍ତୀ କାର୍ଯ୍ୟର ସୂଚନା ପ୍ରଦାନକାରୀ ଅସମାପିକା କ୍ରିୟା

୫. ଗୀତା ଏକ ଉତ୍କୃଷ୍ଟ ଗ୍ରନ୍ଥ । ରେଖାଙ୍କିତ ପଦଟିର ବିଶେଷ୍ୟ ନିର୍ଣ୍ଣୟ କର ?

(କ) ଜାତି

(ଖ) ନାମ

(ଗ) ଗୁଣ

(ଘ) କ୍ରିୟା

୬. ପିଇବା ପାଣି ଘୋଡ଼ାଇ ରଖିବା ଉଚିତ୍ । ରେଖାଙ୍କିତ ପଦଟିର ବିଶେଷଣ ନିର୍ଣ୍ଣୟ କର ।

(କ) କ୍ରିୟା ବିଶେଷଣ

(ଖ) କ୍ରିୟାଜ ବିଶେଷଣ

(ଗ) ବିଧେୟ ବିଶେଷଣ

(ଘ) ଗୁଣବାଚକ ବିଶେଷଣ

Techofworld.In

Techofworld.In

୭. ଭୁବନ ଓଡ଼ିଶାର ବୃହତ୍ତମ ଗ୍ରାମ । ରେଖାଙ୍କିତ ପଦଟିର ବିଶେଷଣ ନିର୍ଣ୍ଣୟ କର ।

(କ) ପରିମାଣବାଚକ ବିଶେଷଣ

(ଖ) ବିଧେୟ ବିଶେଷଣ

(ଗ) ତୁଳନାତ୍ମକ ବିଶେଷଣ

(ଘ) ସଂଖ୍ୟାବାଚକ ବିଶେଷଣ

୮. କଂଚାଆମ୍ବ ଖାଇବାକୁ ଆମ୍ବିଳା ଲାଗେ । ରେଖାଙ୍କିତ ପଦଟିର ବିଶେଷଣ ନିର୍ଣ୍ଣୟ କର।

(କ) ଗୁଣ (ଖ) ବିଧେୟ

(ଗ) ଅବସ୍ଥା (ଘ) କ୍ରିୟା

୯. ପାଣି ବିନା ଜୀବନ ଅସମ୍ଭବ । ରେଖାଙ୍କିତ ପଦଟିର ଅବ୍ୟୟ ନିର୍ଣ୍ଣୟ କର ।

(କ) ନିଷେଧାର୍ଥକ

(ଖ) ଆନୁକ୍ରମିକ

(ଗ) ପଦାନ୍ୱୟୀ

(ଘ) ପରସର୍ଗାତ୍ମକ

୧୦. ତୁମେ ପରା ତା' ଠାରୁ ଚାଲାକ। ରେଖାଙ୍କିତ ପଦଟିର ଅବ୍ୟୟ ସ୍ଥିର କର ।

(କ) ହେତୁବୋଧକ

(ଖ) ଆଳଙ୍କାରିକ

(ଗ) ସମ୍ବୋଧନ ସୂଚକ

(ଘ) ପ୍ରଶ୍ନସୂଚକ

୧୧. ତୁମେ ଯେହେତୁ ଚୁପ୍ ରହିଲ, ତେଣୁ ମୁଁ କହିବାକୁ ବାଧ୍ୟ ହେଲି । ରେଖାଙ୍କିତ ପଦଟିର ଅବ୍ୟୟ ନିର୍ଣ୍ଣୟ କର ।

(କ) ବିକଳ୍ପାର୍ଥକ (ଖ) ହେତୁବୋଧକ

(ଗ) ବିଯୋଜକ (ଘ) ସମ୍ମତିସୂଚକ

୧୨. ହେ ଶ୍ରୀକୃଷ୍ଣ ତୁମେ ଫେରିଆସ । ରେଖାଙ୍କିତ ପଦଟିର ଅବ୍ୟୟ ସ୍ଥିର କର ।

(କ) ସମ୍ମତି ସୂଚକ

(ଖ) ଭାବସୂଚକ

(ଗ) ସମ୍ବୋଧନ ସୂଚକ

(ଘ) କାଳବୋଧକ

୧୩. ଏବେ ବାପାଙ୍କ ଅବସ୍ଥା ଭଲ ନାହିଁ । ରେଖାଙ୍କିତ ପଦଟି କେଉଁ ଅବ୍ୟୟ ଶ୍ରେଣୀର ସୂଚାଅ ।

(କ) ସମ୍ଭାବନା ସୂଚକ

(ଖ) ସମ୍ମତିସୂଚକ

(ଗ) କାଳବୋଧକ

(ଘ) ବିକଳ୍ପାର୍ଥକ

୧୪. ଦାସେ ଯାଆନ୍ତୁ । ରେଖାଙ୍କିତ ପଦଟି କେଉଁ ବିଭକ୍ତି ସୂଚାଅ ।

(କ) ଦ୍ୱିତୀୟା (ଖ) ପ୍ରଥମା

(ଗ) ଚତୁର୍ଥୀ (ଘ) ତୃତୀୟା

୧୫. ପିଙ୍କିକୁ ବିଶ୍ୱାସ କରିବା ଅନୁଚିତ୍ । ରେଖାଙ୍କିତ ପଦଟିର ବିଭକ୍ତି ସ୍ଥିର କର ।

(କ) ଚତୁର୍ଥୀ (ଖ) ଦ୍ୱିତୀୟା

(ଗ) ତୃତୀୟା (ଘ) ସପ୍ତମୀ

୧୬. ଚିତାବାଘ ବେଗରେ ଧାବମାନ କରିପାରେ ।

(କ) କରଣ କାରକରେ

(ଖ) କ୍ରିୟା ବିଶେଷଣରେ

(ଗ) ହେତୁ ଅର୍ଥରେ

(ଘ) ଅଙ୍ଗ ବିକାରେ

୧୭. ଲୁହା ସୁନାଠାରୁ ବେଶୀ ଦରକାରୀ । ରେଖାଙ୍କିତ ପଦଟିରେ ପ୍ରୟୋଗ ପଞ୍ଚମୀ ବିଭକ୍ତି କେଉଁ କାରଣରୁ ହୋଇଛି ସସୂଚାଅ ।

(କ) ଉତ୍କର୍ଷ ଓ ଅପକର୍ଷ ବୁଝାଇଲେ

(ଖ) ଅସମାପିକା କ୍ରିୟା ଲୋପରେ

(ଗ) ଅପାଦାନ କାରକରେ

(ଘ) ହେତୁ ଅର୍ଥରେ ବୁଝାଇଲେ

୧୮. ସୂର୍ଯ୍ୟ ଉଦୟରେ ପଦ୍ମ ଫୁଲ ଫୁଟେ । ରେଖାଙ୍କିତ ପଦଟିରେ ପ୍ରୟୋଗ ସପ୍ତମୀ ବିଭକ୍ତି କେଉଁ ଅର୍ଥରେ ପ୍ରୟୋଗ ହୋଇଛି ସୂଚାଅ ।

(କ) ଅଧିକରଣ କାରକରେ

(ଖ) ଭାବେ ସପ୍ତମୀ

(ଗ) ସାଦୃଶ୍ୟ ବା ଅସାଦୃଶ୍ୟ ଅର୍ଥରେ

(ଘ) ପ୍ରୟୋଜନ ଅର୍ଥରେ

୧୯. ଅଯୋଗ୍ୟର ଦେଶରେ ପ୍ରୟୋଜନ ନାହିଁ । ରେଖାଙ୍କିତ ପଦଟିର ବିଭକ୍ତି ନିର୍ଣ୍ଣୟ କର ।

(କ) ତୃତୀୟା (ଖ) ସପ୍ତମୀ

(ଗ) ଷଷ୍ଠୀ (ଘ) ଦ୍ୱିତୀୟା

୨୦. ସାଗରର ଜଳ । ଉକ୍ତ ବାକ୍ୟରେ ପ୍ରୟୋଗ ଷଷ୍ଠୀ ବିଭକ୍ତି କେଉଁ କାରଣରୁ ହୋଇଛି ସୂଚାଅ ।

(କ) ଜନ୍ୟଜନକ ସମ୍ବନ୍ଧ

(ଖ) ଆଧାରଧେୟ ସମ୍ବନ୍ଧ

(ଗ)ଅଙ୍ଗାଙ୍ଗୀ ଭାବ ସମ୍ବନ୍ଧ

(ଘ) ସ୍ୱମୀଭାବ ସମ୍ବନ୍ଧ

୨୧. ସୁଦାମ ଭକ୍ତମାନଙ୍କର ମଉଡ଼ମଣି । ରେଖାଙ୍କିତ ପଦଟିରେ ପ୍ରୟୋଗ ଷଷ୍ଠୀ ବିଭକ୍ତି କେଉଁ ଅର୍ଥର ପ୍ରୟୋଗ ହୋଇଛି ସୂଚାଅ ।

(କ) ବ୍ୟାପ୍ତି ସମନ୍ଧେ

(ଖ) ନିର୍ଦ୍ଧାରଣ ସମ୍ବନ୍ଧେ

(ଗ) ରୂପକ ସମ୍ବନ୍ଧେ

(ଘ) ଆଧାର ଧେୟ ସମ୍ବନ୍ଧେ

୨୨. ସେ କାଲି ନାଟକ ଦେଖୁଥିଲେ । ରେଖାଙ୍କିତ ପଦଟିର କାରକ ସ୍ଥିର କର ।

(କ) କର୍ମ (ଖ) କରଣ

(ଗ) ସଂପ୍ରଦାନ (ଘ) ଅଧିକରଣ

Techofworld.In

Techofworld.In

୨୩. ଗରାରେ ଜଳ ଅଛି । ରେଖାଙ୍କିତ ପଦଟିର କାରକ ନିର୍ଣ୍ଣୟ କର ।

(କ) କରଣ (ଖ) ଅଧିକରଣ

(ଗ) ଅପାଦାନ (ଘ) ସଂପ୍ରଦାନ

୨୪. ସେ ମନ୍ତ୍ରବିଦ୍ୟାରେ ନିପୁଣ ଅଟନ୍ତି । ରେଖାଙ୍କିତ ପଦଟିର କାରକ ସ୍ଥିର କର ।

(କ) ଅଧିକରଣ (ଖ) କର୍ମ

(ଗ) କରଣ (ଘ) ଅପାଦନା

୨୫. "ଯେଉଁ ବ୍ୟକ୍ତି ସାହାଯ୍ୟକାରୀ, ସେ ସମସ୍ତଙ୍କର ପ୍ରିୟ ହୁଏ", ଉକ୍ତ ବାକ୍ୟଟି ଗଠନ ଦୃଷ୍ଟିରୁ କେଉଁ ଶ୍ରେଣୀର ସୂଚାଅ ?

(କ) ସରଳ (ଖ) ଜଟିଳ

(ଗ) ଯୌଗିକ (ଖ) ମିଶ୍ର

୨୬. ତୃତୀୟ ପାଣ୍ଡବ ଅର୍ଜ୍ଜୁନ ଯୁଦ୍ଧରେ ଅଜେୟ ଥିଲେ । ରେଖାଙ୍କିତ ଅଂଶଟି କ'ଣ ସୂଚାଅ ।

(କ) ଉଦ୍ଦେଶ୍ୟ (ଖ) ବିଧେୟ

(ଗ) ସମାସ (ଘ) କ୍ରିୟା

୨୭. "ଭଗବାନ ଚିକିକୁ ଦୀର୍ଘଜୀବୀ କରନ୍ତୁ" । ଉକ୍ତ ବାକ୍ୟଟି ଭାବଗତ ଦୃଷ୍ଟିରୁ କେଉଁ ଶ୍ରେଣୀର ସୂଚାଅ ।

(କ) ବିବୃତ ସୂଚକ (ଖ) ଅନୁଜ୍ଞାତ୍ମକ

(ଗ) ଆଦେଶ ସୂଚକ (ଘ) ବିସ୍ମୟ ସୂଚକ

୨୮. ଭାଗଗତ ଦୃଷ୍ଟିରୁ ବାକ୍ୟକୁ କେତେ ଭାଗରେ ବିଭକ୍ତ କରାଯାଇଛି ସୂଚାଅ ।

(କ) ୩ (ଖ) ୪

(ଗ) ୫ (ଘ) ୨

୨୯. ନିମ୍ନୋକ୍ତ ବର୍ଣ୍ଣମାନଙ୍କ ମଧ୍ୟରୁ ଲୋଡ଼ିତ ଧ୍ୱନିକ ସୂଚାଅ ।

(କ) ସ (ଖ) ହ

(ଗ) ର (ଘ) ଲ

୩୦. ନିମ୍ନୋକ୍ତ ବର୍ଣ୍ଣମାନଙ୍କ ମଧ୍ୟରୁ ସଂଘର୍ଷୀ ଧ୍ୱନିକୁ ସୂଚାଅ ।

(କ)ଓ, ଯ (ଖ) ସ, ହ

(ଗ) ଲ, ଳ (ଘ) ମ, ନ

୩୧. ନିମ୍ନୋକ୍ତ ବର୍ଣ୍ଣମାନଙ୍କ ମଧ୍ୟରୁ ଉଷ୍ମବର୍ଣ୍ଣକୁ ଚିହ୍ନଟ କର ।

(କ) ଯ, ୟ, ର, ଳ

(ଖ) ଶ, ଷ, ସ, ହ

(ଗ) ତ, ଥ, ଦ, ଧ, ନ

(ଘ) ଙ, ଞ, ଣ, ନ, ମ

୩୨. 'କ' ଠାରୁ 'ମ' ପର୍ଯ୍ୟନ୍ତ ବର୍ଣ୍ଣକୁ କେତେ ଭାଗରେ ବିଭକ୍ତ କରାଯାଇଛି ସୂଚାଅ ।

(କ) ୫ (ଖ) ୨

(ଗ) ୩ (ଘ) ୪

୩୩. '୦, ଃ, ଁ' ଉକ୍ତ ବର୍ଣ୍ଣଗୁଡ଼ିକୁ କ'ଣ କୁହାଯାଏ ସୂଚାଅ ?

(କ) ଅନୁନାସିକ ବର୍ଣ୍ଣ

(ଖ) ଅଯୋଗାବହ ବର୍ଣ୍ଣ

(ଗ) ଉଷ୍ମ ବର୍ଣ୍ଣ

(ଘ) ସ୍ପର୍ଶ ବର୍ଣ୍ଣ

୩୪. ଅନୁନାସିକ ବର୍ଣ୍ଣମାନଙ୍କ ମଧ୍ୟରୁ ଅଳ୍ପପ୍ରାଣ ବ୍ୟଞ୍ଜନ ବର୍ଣ୍ଣକୁ ସୂଚାଅ ।

(କ) ଚ, ଜ (ଖ) ଙ, ଞ

(ଗ) ମ, ନ (ଘ) ନ, ଣ

୩୫. ଅସଙ୍ଗତ ବର୍ଣ୍ଣକୁ ସୂଚାଅ ?

(କ) ଟ, ଡ଼, ଣ

(ଖ) ପ, ବ, ମ

(ଗ) ଦ, ଧ, ନ

(ଘ) ଯ, ର, ଳ

୩୬. 'ସୁନ୍ଦର ନାରୀ' କେଉଁ ସମାସ ନିର୍ଣ୍ଣୟ କର ।

(କ) କର୍ମଧାରୟ (ଖ) ବହୁବ୍ରୀହି

(ଗ) ତତ୍ପୁରୁଷ (ଘ) ନିତ୍ୟ

୩୭. ଯେଉଁ ନିୟମରେ 'ନ' ସ୍ଥାନରେ ଫଣ' ହୁଏ ତାହାକୁ କ'ଣ କୁହାଯାଏ ।

(କ) ଷତ୍ୱବିଧି (ଖ) ଣତ୍ୱବିଧି

(ଗ) ଅବ୍ୟୟ (ଘ) ସମାସ

୩୮. ମନରେ ଆନନ୍ଦ, ବିଷାଦ, ଘୃଣା, ବିସ୍ମୟ ବା ଆଶ୍ଚର୍ଯ୍ୟ ପ୍ରଭୃତି ଭାବକୁ ପ୍ରକାଶ କରିବା କ୍ଷେତ୍ରରେ ବାକ୍ୟରେ କେଉଁ ଚିହ୍ନର ପ୍ରୟୋଗ କରାଯାଏ ସୂଚାଅ ?

(କ) । (ଖ) ;

(ଗ) ! (ଘ) " "

୩୯. କବି, ଲେଖକ, ବକ୍ତାଙ୍କ ଉକ୍ତିକୁ ଅବିକଳ ଲେଖାର ପ୍ରକାଶ କରିବାରେ କେଉଁ ଚିହ୍ନର ପ୍ରୟୋଗ କରାଯାଏ ଚିହ୍ନାଅ ?

(କ) () (ଖ) ,

(ଗ) " " (ଘ) ;

**ପ୍ରଶ୍ନ ନଂ ୪୦ ଠାରୁ ୪୫ ପର୍ଯ୍ୟନ୍ତ ବିପରୀତାର୍ଥବୋଧକ ଶବ୍ଦ ନିର୍ଣ୍ଣୟ କର ।**

୪୦. 'ସୁପ୍ରାପ୍ୟ'

(କ) କୁପ୍ରାପ୍ୟ (ଖ) ଦୁଷ୍ପ୍ରାପ୍ର

(ଗ) ଦୁଷ୍ପ୍ରାପ୍ୟ (ଘ) ପ୍ରାପ୍ୟ

୪୧. 'ସୁଧୀ'

(କ) ଦୁର୍ଧୀ (ଖ) କୁର୍ଧୀ

(ଗ) ନିର୍ଧୀ (ଘ) ଉତ୍ତମ ବୁଦ୍ଧି

୪୨. 'ପରାହ୍ନ'

(କ) ଅପରାହ୍ନ (ଖ) ପୂର୍ବାହ୍ନ

(ଗ) ନିପରାହ୍ନ (ଘ) କେଉଁଟି ବି ନୁହେଁ

Techofworld.In

Techofworld.In

୪୩. 'ନିରଗ୍ନି'

(କ) ସ୍ୱାଗ୍ନିକ (ଖ) ଅଗ୍ନି

(ଗ) ଉଭୟେ (କ) ଓ (ଖ) ଠିକ୍

(ଘ) ଉଭୟେ (କ) ଓ (ଖ) ଭୁଲ୍

୪୪. 'ଚତୁରୀ'

(କ) ଚାତୁର (ଖ) ଚତୁର

(ଗ) ବୋକା (ଘ) ବୋକୀ

୪୫. 'ଗୁଣ'

(କ) ଦୁର୍ଗୁଣ (ଖ) ସୁଗୁଣ

(ଗ) ଦୋଷ (ଘ) ନିର୍ଦ୍ଦୋଷ

**ପ୍ରଶ୍ନ ନଂ ୪୬ ଠାରୁ ୫୦ ପର୍ଯ୍ୟନ୍ତ ପ୍ରତିଶବ୍ଦ ନିର୍ଣ୍ଣୟ କର ।**

୪୬. 'କ୍ଷଣଦା'

(କ) ତ୍ରିଯାମା (ଖ) ବ୍ରତତୀ

(ଗ) ହାଟକ (ଘ) ପବି

୪୭. 'ମାର୍ତ୍ତଣ୍ଡ'

(କ) ସାରଙ୍ଗ (ଖ) ତଡ଼ିତ୍

(ଗ) ଦ୍ୟୁମଣି (ଘ) ପ୍ରସୂନ

୪୮. 'ସରସୀ'

(କ) ତଡ଼ାଗ (ଖ) ହର୍ଯ୍ୟକ୍ଷ

(ଗ) କୋରକ (ଘ) ମୁକୁଳ

୪୯. 'ମୟୂଖ'

(କ) ପ୍ରଭା (ଖ) ବାୟସ

(ଗ) ପୟଃ (ଘ) ପୟୋନିଧି

୫୦. 'ରସା'

(କ) ବାସର (ଖ) ଘସ୍ର

(ଗ) ବିପିନ (ଘ) ବିଶ୍ୱମ୍ଭରା

୫୧. 'ପାପାସକ୍ତ' କେଉଁ ସମାସ ସ୍ଥିର କର ?

(କ) ତତ୍ ପୁରୁଷ (ଖ) ଅବ୍ୟୟୀଭାବ

(ଗ) ଦ୍ୱନ୍ଦ (ଘ) ବହୁବ୍ରୀହି

୫୨. "କେଉଟ ମାଛ ଧରିଲା" । ଉକ୍ତ ବାକ୍ୟର କ୍ରିୟାଟି କେଉଁ ଶ୍ରେଣୀର ସୂଚାଅ ?

(କ) ସକର୍ମକ (ଖ) ଅକର୍ମକ

(ଗ) ଦ୍ୱକର୍ମକ (ଘ) କର୍ମ ନୁହେଁ

୫୩. "ମା ପିଲାକୁ ଗପ କହିଲେ" । ଉକ୍ତ ବାକ୍ୟର କ୍ରିୟା କେଉଁ ଶ୍ରେଣୀର ସୂଚାଅ ।

(କ) ଅକର୍ମକ (ଖ) ଦ୍ୱିକର୍ମକ

(ଗ) ସକର୍ମକ

(ଘ) କର୍ମ ଅନୁପସ୍ଥିତ ରହିଛି

୫୪. "କର୍ତ୍ତା" କେତେ ଭାଗରେ ବିଭକ୍ତ ସୂଚାଅ ?

(କ) ୪ (ଖ) ୩

(ଗ) ୫ (ଘ) ୬

Techofworld.In

୫୫. ଗପଟି ସମୀର ଆଗ୍ରହର ସହିତ ପଠନ କଲେ। ରେଖାଙ୍କିତ କ୍ରିୟାପଦଟି କେଉଁ ଶ୍ରେଣୀର ସୂଚାଅ।

(କ) ଅକର୍ମକ କ୍ରିୟା

(ଖ) ମିଶ୍ର କ୍ରିୟା

(ଗ) ଅମିଶ୍ର କ୍ରିୟା

(ଘ) ଅସମାପିକା କ୍ରିୟା

୫୬. କ୍ରିୟାର ମୂଳ ପିଣ୍ଡକୁ କ'ଣ କୁହାଯାଏ ?

(କ) ଧାତୁ (ଖ) ଉପସର୍ଗ

(ଗ) କୃଦନ୍ତ (ଘ) ତଦ୍ଧିତ

୫୭. ସେ ମାଛ ଧରି ବଜାର ଯିବେ । ରେଖାଙ୍କିତ କ୍ରିୟା ପଦଟି କେଉଁ ଶ୍ରେଣୀର ସୂଚାଅ ।

(କ) ସମାପିକା କ୍ରିୟା

(ଖ) ଅସମାପିକା କ୍ରିୟା

(ଗ) ନାମଧାତୁ କ୍ରିୟା

(ଘ) ପ୍ରେରଣାର୍ଥକ କ୍ରିୟା

୫୮. "ଝିଅଟି ଶୋଷେଇଲାଣି ।" ରେଖାଙ୍କିତ କ୍ରିୟା ପଦଟି କେଉଁ ଶ୍ରେଣୀର ସୂଚାଅ ।

(କ) ନାମଧାତୁ କ୍ରିୟା

(ଖ) ପ୍ରେରଣାର୍ଥକ କ୍ରିୟା

(ଗ) ଅସମାପିକା କ୍ରିୟା

(ଘ) ସକର୍ମକ କ୍ରିୟା

୫୯. କୁନ୍ତୀ ପୁତ୍ରଙ୍କ ସହିତ ବନକୁ ଗମନ କଲେ । ରେଖାଙ୍କିତ ପଦଟିର ଅବ୍ୟୟ ସ୍ଥିର କର ।

(କ) ବିକଳ୍ପାର୍ଥକ (ଖ) ପଦାନ୍ୱୟୀ

(ଗ) ହେତୁବୋଧକ ଅବ୍ୟୟ

(ଘ) ସମ୍ବୋଧନ ସୂଚକ ଅବ୍ୟୟ

୬୦. ଧେତ୍ ଏ ପିଲାଟି କେତେ ଦୁଷ୍ଟ । ରେଖାଙ୍କିତ ପଦଟିର ଅବ୍ୟୟ ସ୍ଥିର କର ?

(କ) ସମ୍ବୋଧନ ସୂଚକ

(ଖ) ଭାବସୂଚକ

(ଗ) ଆଳଙ୍କାରିକ

(ଘ) ପ୍ରଶ୍ନବାଚକ

୬୧. ବାପି ବେଶ୍ ଭଲରେ ଅଛି । ରେଖାଙ୍କିତ ପଦଟିର ଅବ୍ୟୟ ସ୍ଥିର କର ।

(କ) ସମ୍ଭାବନା ସୂଚକ

(ଖ) ଭାବସୂଚକ

(ଗ) ସମ୍ମତି ସୂଚକ

(ଘ) ପଦାନ୍ୱୟୀ

୬୨. ନିମ୍ନୋକ୍ତ ପଦମାନଙ୍କ ମଧ୍ୟରୁ ବିଶେଷଣ ପଦକୁ ସ୍ଥିର କର ।

(କ) ଶ୍ରଦ୍ଧା (ଖ) ପଥଳ

(ଗ) ରୋଗ (ଘ) ପୃଥକ

Techofworld.In

୬୩. ଆପଣ ଦୟା ନ କଲେ ସବୁ ବରବାଦ ହୋଇଯିବ ରେଖାଙ୍କିତ ପଦଟିର ପୁରୁଷ ସ୍ଥିର କର ।

(କ) ପ୍ରଥମ ପୁରୁଷ

(ଖ) ଦ୍ୱିତୀୟ ପୁରୁଷ

(ଗ) ତୃତୀୟ ପୁରୁଷ

(ଘ) ଏଗୁଡ଼ିକ ମଧ୍ୟରୁ କେଉଁଟି ବି ନୁହେଁ ।

୬୪. ନିମ୍ନୋକ୍ତ ପଦମାନଙ୍କ ମଧ୍ୟରୁ ଅସଙ୍ଗତ ପଦକୁ ସୂଚାଅ ।

(କ) ଶୁଦ୍ରା (ଖ) ଶୁଦ୍ରୀ

(ଗ) ଶୁଦ୍ର (ଘ) ଶୁଦ୍ରାଣୀ

୬୫. "ଯେତେବେଳେ ମା ଖାଇବାକୁ ଡ଼ାକନ୍ତି ସେତେବେଳେ ମୁଁ ପାଠ ପଢ଼ା ବନ୍ଦ କରେ । ଉକ୍ତ ବାକ୍ୟର ଗଠନ ରୂପେ ସ୍ଥିର କର ।

(କ) ସରଳ (ଖ) ଜଟିଳ

(ଗ) ଯୌଗିକ (ଘ) ମିଶ୍ର

୬୬. "ଯୁଦ୍ଧ ହେଲା ଓ ପାକିସ୍ଥାନ ହାରିଲା ।" ଉକ୍ତ ବାକ୍ୟର ଗଠନ ଦୃଷ୍ଟିରୁ କେଉଁ ଶ୍ରେଣୀର ସୂଚାଅ ।

(କ) ସରଳ (ଖ) ଜଟିଳ

(ଗ) ଯୌଗିକ (ଘ) ମିଶ୍ର

୬୭. "ରାମ ସୀତାଙ୍କ ସହିତ ବନବାସ ଗଲେ ।" ଉକ୍ତ ବାକ୍ୟର ଗଠନ ଦୃଷ୍ଟିରୁ କେଉଁ ଶ୍ରେଣୀର ସୂଚାଅ ।

(କ) ସରଳ (ଖ) ଜଟିଳ

(ଗ) ଯୌଗିକ (ଘ) ମିଶ୍ର

୬୮. "ମଦ୍ୟପାନ ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ ।" ଭାବସୂଚକ ଦୃଷ୍ଟିରୁ ବାକ୍ୟଟି କେଉଁ ଶ୍ରେଣୀର ସୂଚାଅ ।

(କ) ବିବୃତ୍ତି ସୂଚକ

(ଖ) ଆଦେଶ ସୂଚକ

(ଗ) ବିସ୍ମୟ ସୂଚକ

(ଘ) ପ୍ରଶ୍ନ ସୂଚକ

୬୯. ସେ ନିଜେ ଏ କଥା ଶୁଣିଛନ୍ତି । ରେଖାଙ୍କିତ ପଦଟିର ସର୍ବନାମ ସ୍ଥିର କର ।

(କ) ଗୁରୁତ୍ୱାରୋପ (ଖ) ସମୁଚ୍ଚୟୀ

(ଗ) ନିର୍ଣ୍ଣାୟକ (ଘ) ଆପେକ୍ଷିକ

୭୦. ତୁମେ କବିତା ଲେଖ । ରେଖାଙ୍କିତ ପଦଟିର ସର୍ବନାମ ସ୍ଥିର କର ।

(କ) ପୁରୁଷ ବାଚକ

(ଖ) ଆପେକ୍ଷିକ

(ଗ) ଆତ୍ମବାଚକ

(ଘ) ନିର୍ଦ୍ଦେଶାତ୍ମକ

Techofworld.In

୭୧. ଲୋକଟି ସଚ୍ଚୋଟ୍ । ରେଖାଙ୍କିତ ପଦଟିର ବିଶେଷଣ ସ୍ଥିର କର ।

(କ) ଗୁଣବାଚକ ବିଶେଷଣ

(ଖ) ବିଧେୟ ବିଶେଷଣ

(ଗ) ସର୍ବନାମିକ ବିଶେଷଣ

(ଘ) ଅବସ୍ଥା ବାଚକ ବିଶେଷଣ

**ପ୍ରଶ୍ନ ନଂ ୭୨ ଠାରୁ ୭୫ ପର୍ଯ୍ୟନ୍ତ ବିପରୀତାର୍ଥ ବୋଧକ ଶବ୍ଦ ନିର୍ଣ୍ଣୟ କର ।**

୭୨. 'ତରଳ'

(କ) କଠିନ (ଖ) ଘନ

(ଗ) ଉଭୟେ (କ) ଓ (ଖ) ଠିକ୍

(ଘ) ଉଭୟେ (କ) ଓ (ଖ) ଭୁଲ୍

୭୩. 'ଚେତନ'

(କ) ଅଚେତ୍ (ଖ) ଜଡ଼୍

(ଗ) ଅବଚେତନ (ଘ) ଅଜଡ଼

୭୪. 'ଜନକ'

(କ) ଜାନକୀ (ଖ) ଜନନୀ

(ଗ) ଜନକୀ (ଘ) ଜନନି

୭୫. 'ଶିକ୍ଷକ'

(କ) ଶିକ୍ଷୟିତ୍ରୀ (ଖ) ଶିକ୍ଷିକା

(ଗ) ଶିକ୍ଷୟିତା (ଘ) ଶିକ୍ଷକା

୭୬. 'ମାଟି' କେଉଁ ଲିଙ୍ଗ ଚିହ୍ନାଅ ।

(କ) ପୁଲିଙ୍ଗ (ଖ) ସ୍ତ୍ରୀଲିଙ୍ଗ

(ଗ) କ୍ଲୀବ ଲିଙ୍ଗ (ଘ) ଉଭୟଲିଙ୍ଗ

୭୭. ଝିଅଟି ଗୁଣବାନ୍ ଅଟେ । ରେଖାଙ୍କିତ ପଦଟିର ବିଶେଷଣ ସ୍ଥିର କର ।

(କ) ଗୁଣବାଚକ (ଖ) ଅବସ୍ଥାବାଚକ

(ଗ) ବିଧେୟ (ଘ) ତୁଳନାତ୍ମକ

୭୮. ମହାଭାରତରେ ଦଶମସ୍କନ୍ଧଟି ପାଠ କର । ରେଖାଙ୍କିତ ପଦଟିର ବିଶେଷଣ ସ୍ଥିର କର ।

(କ) ସଂଖ୍ୟାବାଚକ

(ଖ) ପୂରଣ ବାଚକ

(ଗ) ଅବସ୍ଥାବାଚକ

(ଘ) ବିଧେୟ

୭୯. କୋଣାର୍କ ତା'ର ସୌନ୍ଦର୍ଯ୍ୟ ପାଇଁ ପ୍ରସିଦ୍ଧ । ରେଖାଙ୍କିତ ପଦଟିର ବିଶେଷ୍ୟ ସ୍ଥିର କର ।

(କ) ଗୁଣ (ଖ) ବ୍ୟକ୍ତିବାଚକ

(ଗ) ବସ୍ତୁବାଚକ (ଘ) କ୍ରିୟାବାଚକ

୮୦. ସୀମା ବାପଘରୁ ଶାଶୁ ଘରକୁ ଗଲେ । ରେଖାଙ୍କିତ ପଦଟିର କାରକ ନିର୍ଣ୍ଣୟ କର ।

(କ) ଅପାଦାନ (ଖ) ଅଧିକରଣ

(ଗ) କର୍ତ୍ତା (ଘ) କର୍ମ

Techofworld.In

୮୧. ତା ଦେଇ ଏ କାମ ହେବାନାହିଁ । ରେଖାଙ୍କିତ ପଦଟିର ଅବ୍ୟୟ ନିର୍ଣ୍ଣୟ କର ।

(କ) ବିଭକ୍ତି ସୂଚକ

(ଖ) ଭାବବାଚକ

(ଗ) ବିକଳ୍ପାର୍ଥକ

(ଘ) ପ୍ରଶ୍ନସୂଚକ

୮୨. 'ସାରାଂଶ' ର ସନ୍ଧି ବିଚ୍ଛେଦ ନିର୍ଣ୍ଣୟ କର ।

(କ) ସାର + ଅଂଶ

(ଖ) ସାରଂ + ଅଶ

(ଗ) ସାରାଅଂ+ଅମ୍ସ୍

(ଘ) ସାର + ଆଂଶ

୮୩. 'ପ୍ରତ୍ୟେକ' କେଉଁ ସନ୍ଧି ସ୍ଥିର କର ।

(କ) ସ୍ୱର (ଖ) ବ୍ୟଞ୍ଜନ

(ଗ) ବିସର୍ଗ (ଘ) ସନ୍ଧି ନୁହେଁ

୮୪. ଶିକ୍ଷକମାନଙ୍କୁ ଅବମାନନା କରିବା ଉଚିତ୍ ନୁହେଁ । ରେଖାଙ୍କିତ ପଦଟି କେଉଁ ଉପସର୍ଗରୁ ଆସିଛି ସ୍ଥିର କର।

(କ) ଅତି (ଖ) ଅଭି

(ଗ) ଅବ (ଘ) ଅପ

୮୫. ରାବଣ ରାମଙ୍କ ଠାରୁ ପରାଜୟ ବରଣ କରିଥିଲେ। ରେଖାଙ୍କିତ ପଦଟି କେଉଁ ଉପସର୍ଗରୁ ଆନୀତ ସୂଚାଅ।

(କ) ପ୍ର (ଖ) ପରି

(ଗ) ପରା (ଘ) ପ୍ରତି

୮୬. "ବିଦେଶର ବହୁ ବ୍ୟକ୍ତି ହିନ୍ଦି ବୁଝନ୍ତି, କିନ୍ତୁ କହିପାରନ୍ତି ନାହିଁ ।" ବାକ୍ୟର ଗଠନ ଦୃଷ୍ଟିରୁ ବାକ୍ୟଟି କେଉଁ ଶ୍ରେଣୀର ସୂଚାଅ ।

(କ) ସରଳ (ଖ) ଜଟିଳ

(ଗ) ଯୌଗିକ (ଘ) ମିଶ୍ର

୮୭. "ଯେଉଁମାନେ ପରିଶ୍ରମୀ, ସେମାନେ ଫଳ ପାଆନ୍ତି । ବାକ୍ୟଟିର ରୂପ ଦୃଷ୍ଟିରୁ କେଉଁ ଶ୍ରେଣୀର ସୂଚାଅ ।

(କ) ସରଳ (ଖ) ଜଟିଳ

(ଗ) ଯୌଗିକ (ଘ) ମିଶ୍ର

୮୮. "ଦୟାକରି ପୁରୀରୁ ମୋ ପାଇଁ ଅବଢ଼ ଆଣିବ।" ଉକ୍ତ ବାକ୍ୟର ଅର୍ଥଗତ ଦୃଷ୍ଟିରୁ କେଉଁ ଶ୍ରେଣୀର ସୂଚାଅ।

(କ) ବିବୃତ ସୂଚକ

(ଖ) ଆଦେଶ ସୂଚକ

(ଗ) ପ୍ରଶ୍ନସୂଚକ (ଘ) ବିସ୍ମୟ ସୂଚକ

୮୯. ଭାଗବତ ଦୃଷ୍ଟିରୁ ବାକ୍ୟକୁ କେତେ ଭାଗରେ ବିଭକ୍ତ କରାଯାଇଛି ସୂଚାଅ ।

(କ) ୩ (ଖ) ୪

(ଗ) ୫ (ଘ) ୨

Techofworld.In

୯୦. ଏ, ଓ କେଉଁ ଧ୍ୱନି ସୂଚାଅ ।

(କ) ସଂବୃତ (ଖ) ଅର୍ଦ୍ଧ ସଂବୃତ

(ଗ) ଅର୍ଦ୍ଧ ବିବୃତ (ଘ) ବିବୃତ ଧ୍ୱନି

୯୧. ନିମ୍ନୋକ୍ତ ବର୍ଣ୍ଣମାନଙ୍କ ମଧ୍ୟରୁ ଘୃଷ୍ଟା ଧ୍ୱନିକୁ ସୂଚାଅ।

(କ) ହ (ଖ) ସ

(ଗ) ଷ (ଘ) ଶ

**ପ୍ରଶ୍ନ ନଂ ୯୨ ଠାରୁ ୯୫ ପର୍ଯ୍ୟନ୍ତ ପ୍ରତିଶବ୍ଦ ନିର୍ଣ୍ଣୟ କର ।**

୯୨. 'କ୍ଷମା'

(କ) ରସା (ଖ) ନିମ୍ନଗା

(ଗ) ସରିତ (ଘ) ନୟନ

୯୩. 'ଜିମୂତ'

(କ) କଳାପୀ (ଖ) ପୟୋଦ

(ଗ) ପୟଃ (ଘ) ସାରସ

୯୪. 'ସରଣୀ'

(କ) ମାର୍ଗ (ଖ)ସମୀର

(ଗ) କୁଧର (ଘ) ମୁକୁଳ

୯୫. 'ଅଚଳ'

(କ) ଭୂଧର (ଖ) ଅମ୍ବୁଜ

(ଗ) ତାତ (ଘ) କାସାର

୯୬. 'ବାରଣ'

(କ) ଅନ୍ତରୀକ୍ଷ (ଖ) ଦନ୍ତୀ

(ଗ) ନିଶାମୁଖ (ଘ) ଆଳୟ

**ପ୍ରଶ୍ନ ନଂ ୯୭ ଠାରୁ ୧୦୦ ଶୁଦ୍ଧି ଶବ୍ଦକୁ ସୂଚାଅ ।**

୯୭. (କ) ପୁଷ୍କରିଣୀ (ଖ) ନିର୍ଦୟା

(ଗ) କ୍ଷୀତୀଶ (ଘ) ଶଶୀଭୂଷଣ

୯୮. (କ) ନୀଚ (ଖ) ଶଶୀଭୂଷଣ

(ଗ) ଗୁଣବତି (ଘ) ଶିକ୍ଷୟତ୍ରୀ

୯୯. (କ) ସଂକ୍ଷିପ୍ତ (ଖ) ଯୁବତି

(ଗ) ବାଗ୍ମୀନୀ (ଘ) ପିତାଧନ

୧୦୦. (କ) ସଂପ୍ରଦାନ

(ଖ) ଉପବିତ

(ଗ) ଉପରିସ୍ତ

(ଘ) ଗାରିମା

Techofworld.In

## SET-2

| | | | | | | | | | |
|---|---|---|---|---|---|---|---|---|---|
| ୧. (ଖ) | ୨. (କ) | ୩ (ଖ) | ୪. (ଘ) | ୫. (ଖ) | ୬. (କ) | ୭. (ଗ) | ୮. (ଗ) | ୯. (ଘ) | ୧୦ (ଘ) |
| ୧୧. (ଖ) | ୧୨. (ଗ) | ୧୩ (ଗ) | ୧୪. (ଖ) | ୧୫. (କ) | ୧୬. (କ) | ୧୭. (ଗ) | ୧୮. (କ) | ୧୯. (କ) | ୨୦ (ଖ) |
| ୨୧. (ଖ) | ୨୨. (କ) | ୨୩ (ଖ) | ୨୪. (କ) | ୨୫. (ଖ) | ୨୬. (କ) | ୨୭. (ଖ) | ୨୮. (ଖ) | ୨୯. (ଗ) | ୩୦ (ଖ) |
| ୩୧. (ଖ) | ୩୨. (କ) | ୩୩ (ଖ) | ୩୪. (କ) | ୩୫. (ଗ) | ୩୬. (କ) | ୩୭. (ଖ) | ୩୮. (ଗ) | ୩୯. (ଗ) | ୪୦ (ଗ) |
| ୪୧. (କ) | ୪୨. (ଖ) | ୪୩ (ଗ) | ୪୪. (ଘ) | ୪୫. (ଗ) | ୪୬. (କ) | ୪୭. (ଗ) | ୪୮. (କ) | ୪୯. (କ) | ୫୦ (ଘ) |
| ୫୧. (କ) | ୫୨. (କ) | ୫୩ (ଖ) | ୫୪. (କ) | ୫୫. (ଖ) | ୫୬. (କ) | ୫୭. (ଖ) | ୫୮. (କ) | ୫୯. (ଖ) | ୬୦ (ଖ) |
| ୬୧. (ଖ) | ୬୨. (ଖ) | ୬୩ (ଖ) | ୬୪. (ଗ) | ୬୫. (ଖ) | ୬୬. (ଗ) | ୬୭. (କ) | ୬୮. (ଖ) | ୬୯. (କ) | ୭୦ (କ) |
| ୭୧. (ଖ) | ୭୨. (ଖ) | ୭୩ (ଖ) | ୭୪. (ଖ) | ୭୫. (କ) | ୭୬. (ଗ) | ୭୭. (ଗ) | ୭୮. (କ) | ୭୯. (କ) | ୮୦ (କ) |
| ୮୧. (କ) | ୮୨. (କ) | ୮୩ (ଗ) | ୮୪. (ଗ) | ୮୫. (ଗ) | ୮୬. (ଖ) | ୮୭. (ଖ) | ୮୮. (ଖ) | ୮୯. (ଖ) | ୯୦ (ଖ) |
| ୯୧. (ଖ) | ୯୨. (କ) | ୯୩ (ଖ) | ୯୪. (କ) | ୯୫. (କ) | ୯୬. (ଖ) | ୯୭. (କ) | ୯୮. (କ) | ୯୯. (ଗ) | ୧୦୦ (କ) |